# ଅଧ୍ୟାୟ – VIII
# ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ତଦାରଖ ଏବଂ ମୂଲ୍ୟାୟନ

## ଅଧ୍ୟାୟ – VIII

## ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ତଦାରଖ ଏବଂ ମୂଲ୍ୟାୟନ

### 8.1 ବର୍ଜ୍ୟବସ୍ତୁ ପରିଚାଳନା ର ତଦାରଖ କରିବା ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା

### 8.1.1 ରାଜ୍ୟସ୍ତରୀୟ ପରାମର୍ଶଦାତା ସଂସ୍ଥାଙ୍କ ଦ୍ୱାରା ଏସଡବ୍ଲୁଏମ ତଦାରଖର ଅଭାବ

ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ପରିଚାଳନା ମାନୁଆଲ 2016 ର ଉପଭାଗ 1.4.5.4 ଧାର୍ଯ୍ୟ କରିଛି ଯେ, ଏକ ଦକ୍ଷ ଏବଂ ଉନ୍ନତ ଏମଏସଡବ୍ଲୁଏମ ବ୍ୟବସ୍ଥା ପାଇଁ, ପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ଯନ୍ତ୍ରପାତି ବ୍ୟତିତ ଏକ ଦକ୍ଷ ଆନୁଷ୍ଠାନିକ ସଂରଚନା ରହିବା ଏକାନ୍ତ ଆବଶ୍ୟକ, ସେହି ଅନୁଯାୟୀ, ଏସଡବ୍ଲୁଏମ୍ ଅଭ୍ୟାସ ଏବଂ ଏସଡବ୍ଲୁଏମ୍ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଜିଓଓ (ଏପ୍ରିଲ୍ 2017) ରାଜ୍ୟ ସ୍ତରୀୟ ପରାମର୍ଶଦାତା ସଂସ୍ଥା (ଏସଏଲଏବି) ଗଠନ କଲେ । ଏସଡବ୍ଲୁଏମ 2016 ର ଧାରା 23 (2) ଧାର୍ଯ୍ୟ କରିଛି ଯେ ଏସଡବ୍ଲୁଏମ୍ ନିୟମ, 2016 ର କାର୍ଯ୍ୟାନ୍ୱୟନ ସହିତ ଜଡିତ ସମସ୍ତ ବିଷୟ ସମୀକ୍ଷା କରିବାକୁ ଏସଏଲଏବିର ଅତି କମରେ ଛଅ ମାସରେ ଥରେ ବୈଠକ କରାଯିବ ଏବଂ ଏସଡବ୍ଲୁଏମ୍ ଉପରେ ରାଜ୍ୟ ନୀତି ଏବଂ ରଣନୀତିର କାର୍ଯ୍ୟକାରିତା, ଏବଂ ଏହି ନିୟମ ଗୁଡିକର ଶୀଘ୍ର ଏବଂ ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯିବ । ତଥାପି ଦେଖାଗଲା ଯେ 2017-21 ମଧ୍ୟରେ ଏସଏଲଏବି ର ଆଠ ଥର ବଦଳରେ କେବଳ ଚାରିଟି[57] ବୈଠକ ଅନୁଷ୍ଠିତ ହୋଇଥିଲା । ଏସଡବ୍ଲୁଏମ କାର୍ଯ୍ୟପଦ୍ଧତିରେ ଉନ୍ନତି ଆଣିବା ପାଇଁ ଏବଂ ଏସଡବ୍ଲୁଏମ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ 2017-20 ମଧ୍ୟରେ ଏସଏଲଏବି ଦ୍ୱାରା ନିଆଯାଇଥିବା ପଦକ୍ଷେପ[58] ଗୁଡିକର ସମୀକ୍ଷା ପାଇଁ ସହରାଞ୍ଚଳ ବିକାଶ ବିଭାଗ ଦ୍ୱାରା କୌଣସି ବି ସଭା ଅନୁଷ୍ଠିତ ହୋଇନଥିଲା ।

ଅଡିଟ୍ ନିରୀକ୍ଷଣ କଲା ଯେ, ରାଜ୍ୟ ସ୍ତରୀୟ ପରାମର୍ଶଦାତା କମିଟି (ଏସଏଲଏସି) ଦ୍ୱାରା ପର୍ଯ୍ୟାପ୍ତ ତଦାରଖ ହୋଇ ନଥିଲା ଯାହା ନିମ୍ନସାରଣୀରେ ଦିଆଯାଇଛି ।

**ସାରଣୀ- 8.1; ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ପାଇଁ ଏସଏଲଏସି ର ତଦାରଖ**

| ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ | ମାନଦଣ୍ଡ | ସମୀକ୍ଷା ଅନୁସନ୍ଧାନ |
|---|---|---|
| ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 16 ଅନୁଯାୟୀ, ରାଜ୍ୟ ସ୍ତରୀୟ ପରାମର୍ଶଦାତା କମିଟି (ଏସଏଲଏସି) ବୈଠକ ଅତି କମ୍ ରେ ଛଅ ମାସ ରେ ଥରେ ଆୟୋଜନ କରିବା କଥା ଏବଂ ଯଦି ଆବଶ୍ୟକ ମନେ ହୁଏ ତେବେ ବିଶେଷଜ୍ଞମାନଙ୍କୁ ନିମନ୍ତ୍ରଣ କରାଯାଇପାରିବ । | ଅଡିଟ୍ ଦେଖିଲା ଯେ 2015-21 ମଧ୍ୟରେ ଏସଏଲଏସି କେବଳ ତିନିଥର[59] ଅନୁଷ୍ଠିତ ହୋଇଥିଲା, ଯାହା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ନିୟମର କାର୍ଯ୍ୟକାରିତା ଉପରେ ଅଭାବକୁ ସୂଚିତ କରେ । |
| ଜୈବ ଚିକିତ୍ସା ଗତ ବର୍ଜ୍ୟବସ୍ତୁ | ବିଏମଡବ୍ଲୁ ନିୟମ 2016 ର ଧାରା 11 ଅନୁଯାୟୀ ପ୍ରତ୍ୟେକ ରାଜ୍ୟ ସରକାର ରାଜ୍ୟରେ ନିୟମର କାର୍ଯ୍ୟକାରିତାକୁ ତଦାରଖ କରିବା ଏବଂ କୌଣସି ଉନ୍ନତି ନିମନ୍ତେ ପରାମର୍ଶ ଦେବା ପାଇଁ ଏକ ରାଜ୍ୟ ସ୍ତରୀୟ ପରାମର୍ଶଦାତା କମିଟି (ଏସଏଲଏସି)[60] ଗଠନ କରିବେ । ଗଠିତ ଏସଏଲଏସି ଅତି କମ୍ ରେ ଛଅ ମାସରେ ଥରେ ବୈଠକ କରିବ ଏବଂ ରାଜ୍ୟରେ ବିଏମଡବ୍ଲୁ ନିୟମର କାର୍ଯ୍ୟକାରିତା ସହ ଜଡିତ ସମସ୍ତ ବିଷୟର ସମୀକ୍ଷା କରିବେ । | ଅଡିଟ୍ ଦେଖିଲା କରିଛି ଯେ ରାଜ୍ୟରେ ବିଏମଡବ୍ଲୁ ନିୟମର କାର୍ଯ୍ୟକାରିତା ଉପରେ ନଜର ରଖିବା ପାଇଁ ଜୁନ୍ 2015 ରେ ଜିଓଓ ଦ୍ୱାରା ରାଜ୍ୟରେ ଏସଏଲଏସି ଗଠନ କରାଯାଇଥିଲା । ଏହା ମଧ ଦେଖାଗଲା ଯେ 2015-21 ମଧ ରେ ଏସଏଲଏସି ଦ୍ୱାରା ଆବଶ୍ୟକ ବାରଥର ବଦଳରେ କେବଳ ଚାରିଥର[61] ବୈଠକ କରାଯାଇଥିଲା । ଯାହା ବିଏମଡବ୍ଲୁ ର ସୁ- ପରିଚାଳନା କୁ ଖରାପ ସମର୍ଥନ ପ୍ରତି ଇଙ୍ଗିତ କରୁଛି । |

*(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)*

57 ପ୍ରଥମ ବୈଠକ 16.02.2018, ଦ୍ୱିତୀୟ ମିଟିଙ୍ଗ୍ 31.10.2018,ତୃତୀୟ ମିଟିଙ୍ଗ୍ 29.06.2019 ଏବଂ ଚତୁର୍ଥ 27.11.2020

58 (i)ଏସଡବ୍ଲୁଏମ ଯୋଜନା ଲାଗି ଯାଗାର ବ୍ୟବସ୍ଥା (ii) ଏସଡବ୍ଲୁଏମ ପାଇଁ ଯୋଜନା (iii) ବିକେନ୍ଦ୍ରୀକୃତ ଖତ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକଳ୍ପ ପରିଚାଳନା ପରାମର୍ଶଦାତା ନିଯୁକ୍ତି (iv) ଏସଡବ୍ଲୁଏମ ର ପ୍ରକାଶନ ପାଇଁ ନିୟମ

59 ପ୍ରଥମ ସ୍ଲାବ 25.9.2017, ଦ୍ୱିତୀୟ ସ୍ଲାବ 26.9.2019 ଏବଂ ତୃତୀୟ ସ୍ଲାବ 24.11.2020

60 ଏସଏଲଏସି ସ୍ୱାସ୍ଥ୍ୟ ବିଭାଗ,ଜଙ୍ଗଲ ଓ ପରିବେଶ, ସହର ଉନ୍ନତିକରଣ,ପଶୁସମ୍ପଦ ଏବଂ ପଶୁଚିକିତ୍ସା ବିଜ୍ଞାନ,ଏସପିସିବି, ୟୁଏଲବି,ଭାରତୀୟ ମେଡିକାଲ ସଂଘ ର ପ୍ରତିନିଧି,ସିବିଡବ୍ଲୁଟିଏଫ୍ ଏବଂ ସରକାରୀ ସଂସ୍ଥା ମାନଙ୍କର ପ୍ରତିନିଧି ମାନଙ୍କୁ ଅର୍ନ୍ତଭୁକ୍ତ କରିବା ଦରକାର ।

61 ଏସଏଲଏସି ମିଟିଙ୍ଗ୍ 14.02.2017, 11.03.2019, 7.09.2019 ଏବଂ 05.11.2020 ରେ ହୋଇଥିଲା ।

ସରକାର କହିଲେ (ମଇ 2022) ଯେ, ରାଜ୍ୟରେ ଏସଡବ୍ଲୁଏମ ର ତଦାରଖ ଲାଗି ପର୍ଯ୍ୟାୟକ୍ରମେ ସମୀକ୍ଷା କରାଯାଇଛି । ଓଡିଶାରେ ପ୍ରଚଳିତ କରାଯାଇଥିବା ମଡେଲ୍ କୁ ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରଣାଳୟ ପ୍ରଶଂସା କରିଛି । ପରନ୍ତୁ, ସତନ୍ତ୍ର ବର୍ଜ୍ୟବସ୍ତୁ ପାଇଁ କରାଯାଇଥିବା ବୈଠକ ର ସଂଖ୍ୟା କମ୍ ଥିଲା, ଯାହାକି ନିୟମକୁ ପାଳନ କରାନଯିବାର ଦର୍ଶାଉଥିଲା ।

## 8.1.2 ଜିଲ୍ଲା ଏବଂ ୟୁଏଲବି ସ୍ତରରେ ପର୍ଯ୍ୟାଲୋଚନାର ଅଭାବ

ଏସଡବ୍ଲୁଏମ ନିୟମ, 2016 ର ଧାରା 12 ଅନୁଯାୟୀ, ଜିଲ୍ଲା ସ୍ତରରେ, ଜିଲ୍ଲା କଲେକ୍ଟର ବର୍ଜ୍ୟବସ୍ତୁ ପୃଥକିକରଣ, ପ୍ରକ୍ରିୟାକରଣ,ଉପଚାର ଏବଂ ନିଷ୍କାସନ ଉପରେ ୟୁଏଲବି ର କାର୍ଯ୍ୟଦକ୍ଷତାକୁ ସମୀକ୍ଷା କରିବା ଉଚିତ ଏବଂ ଡିଏମଏ ସହିତ ପରାମର୍ଶ କରି ସଂଶୋଧିତ ପଦକ୍ଷେପ ଗ୍ରହଣ କରିବା ଉଚିତ । ଅଡିଟ ଦେଖିଲା ଯେ ଯଦିଓ ଜିଲ୍ଲାପାଳ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ବୈଠକ କରିଥିଲେ, ପୂର୍ବବର୍ତ୍ତୀ ବୈଠକ ମାନଙ୍କରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ କୁ ଅନୁକରଣ କରାଯାଇ ନଥିଲା ।

ଏମଏସଡବ୍ଲୁ ମାନୁଆଲ 2016 ର ଧାରା 6.1 ଅନୁଯାୟୀ , ପୃଥକିକରଣ,ସଂଗ୍ରହ,ପରିବହନ,ରାସ୍ତାଘାଟ ସଫା କରିବା, ଡ୍ରେନ୍ ସଫା କରିବା ଏବଂ ଆବର୍ଜନା ନିଷେଧ ସହିତ ଏସଡବ୍ଲୁଏମ ସେବାକୁ ସୁନିଶ୍ଚିତ ତଥା ତଦାରଖ କରିବା ପାଇଁ ୱାର୍ଡ ସ୍ତରୀୟ କମିଟି ଗଠନ କରାଯିବା ଉଚିତ୍ । ପରନ୍ତୁ, ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏସଡବ୍ଲୁଏମ କାର୍ଯ୍ୟକଳାପର ପର୍ଯ୍ୟାଲୋଚନା ଓ ପରିଚାଳନା ର ତୃଟି ଉପରେ ନଜର ରଖିବା ପାଇଁ ୱାର୍ଡ ସ୍ତରୀୟ କମିଟି ଗଠନ କରାଯାଇନଥିଲା ଯାହା ଏକ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକଳାପର ପର୍ଯ୍ୟାଲୋଚନା ତୃଟିକୁ ଇଙ୍ଗିତ କରୁଥିଲା । କମିଟି ଅନୁଯାୟୀ ବିସୃତ ବିବରଣୀ ***(ପରିଶିଷ୍ଟ –XI)*** ରେ ଦିଆଯାଇଛି ।

ସରକାର କହିଲେ (ମଇ 2022) ଯେ, ଏସବିଏମ(ସହରାଞ୍ଚଳ) ଅଧିନରେ , ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା କମିଟି ଗଠିତ ହୋଇଛି ଯାହା ଯୋଜନା ଗୁଡିକର ତଦାରଖ କରିବ ଯେଉଁଥିରେ ଏସଡବ୍ଲୁଏମ ଏକ ଉପାଦାନ । ଉତ୍ତରଟି ଗ୍ରହଣୀୟ ନଥିଲା, ଯଦିଓ ଜିଲ୍ଲା କଲେକ୍ଟର ମାନେ ଏସଡବ୍ଲୁଏମ ଉପରେ ବୈଠକ କରିଥିଲେ, ପୂର୍ବ ସଭାଗୁଡିକର କାର୍ଯ୍ୟାନୁଷ୍ଠାନ ରିପୋର୍ଟ କୁ ଅନୁସରଣ କରାଯାଇନଥିଲା, ଏହା ଦର୍ଶାଉଥିଲା ଯେ ଜିଲ୍ଲା ସ୍ତରରେ ଠିକ୍ ଭାବରେ ତଦାରଖ ହେଉନଥିଲା । ଅଧିକନ୍ତୁ, ୱାର୍ଡ ସ୍ତରରେ ଏସଡବ୍ଲୁଏମ ପାଇଁ କମିଟି ଗଠନ ଉପରେ ସରକାରଙ୍କ ଉତ୍ତର ନୀରବ ରହିଥିଲା ।

## 8.1.3 ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପର୍ଯ୍ୟାଲୋଚନା

ଏସଡବ୍ଲୁଏମ 2016 ର ଧାରା 16(1) ଅନୁଯାୟୀ, ଏସପିସିବି ୟୁଏଲବି ମାଧ୍ୟମରେ ରାଜ୍ୟରେ ନିୟମାବଳୀକୁ କାର୍ଯ୍ୟକାରୀ କରିବା ଉଚିତ ଏବଂ ସଂପୃକ୍ତ ନିର୍ଦ୍ଦେଶାଳୟ କିମ୍ବା ମ୍ୟୁନିସିପାଲିଟି ଆଡ୍‌ମିନିଷ୍ଟ୍ରେସନ (ଡିଏମଏ) କିମ୍ବା ରାଜ୍ୟ ସହରୀ ବିକାଶ ବିଭାଗ ଦାୟିତ୍ୱରେ ଥିବା ସଚିବଙ୍କ ସହ ସମନ୍ୱୟ ରକ୍ଷା କରି ବର୍ଷକୁ ଅତି କମରେ ଦୁଇଥର ଏହି ନିୟମର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଉଚିତ ।

ଅଡିଟ୍ ଦେଖିଲା ଯେ ଏସଡବ୍ଲୁଏମ ନିୟମର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ପାଇଁ 2015-20 ମଧ୍ୟରେ ଏସପିସିବି ଦ୍ୱାରା କୌଣସି ସଭା ଅନୁଷ୍ଠିତ ହୋଇନଥିଲା ଯାହା ଫଳରେ ୟୁଏଲବି ମାନଙ୍କ ଦ୍ୱାରା ଏହି ନିୟମ ଉଲଂଘନ ହୋଇଥିଲା ।

### 8.1.3.1 ପ୍ରାଧିକରଣ ଏବଂ ପରିବେଶ ମଞ୍ଜୁରୀ ବିନା ସୁବିଧା

ଏମଏସଡବ୍ଲୁ ନିୟମ 2000 ର ଧାରା 4(2) ପ୍ରଦାନ କରେ ଯେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କିମ୍ବା ଏକ ପ୍ରକ୍ରିୟାକରଣର କିମ୍ବା ନିଷ୍କାସନ ସୁବିଧାର ପରିଚାଳକ ଲ୍ୟାଣ୍ଡଫିଲ ସହ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସୁବିଧା ପାଇଁ ଏସପିସିବି ଠାରେ ପ୍ରାଧିକରଣ ପ୍ରଦାନ ପାଇଁ ଏକ ଆବେଦନ କରିବେ । ଜିଓଆଇ ବିଜ୍ଞପ୍ତି (ସେପ୍ଟେମ୍ବର 2006) ଏବଂ ସିଏମଏସଡବ୍ଲୁଏମଏଫ୍ ମାନୁଆଲରେ ସର୍ତ୍ତ ରଖିଛି ଯେ, ପ୍ରକ୍ରିୟାକରଣ ସୁବିଧା ପ୍ରତିଷ୍ଠା ପୂର୍ବରୁ ଏସପିସିବି ରୁ ପରିବେଶ ମଞ୍ଜୁରୀ ଆଣିବା ଦରକାର ।

ଅଡିଟ୍ ନିରୀକ୍ଷଣ କରିଛି ଯେ 114 ୟୁଏଲବି ମଧ୍ୟରୁ, 2015-20 ଅବଧି ମଧ୍ୟରେ ୟୁଏଲବି ଦ୍ୱାରା ନିଷ୍କାସନ ସୁବିଧା ପାଇଁ ଏସପିସିବି ରୁ ଶତକଡା 25 ପ୍ରତିଶତ ପ୍ରାଧିକରଣ ପ୍ରାପ୍ତ ଥିଲା । ଉପରୋକ୍ତ ବୈଧ ପ୍ରାଧିକରଣ ମଧ୍ୟରୁ , ମାର୍ଚ୍ଚ 2020 ରୁ 15 ଟି ୟୁଏଲବି,ମାର୍ଚ୍ଚ 2019 ରୁ 14 ଟି ୟୁଏଲବି ଏବଂ ମାର୍ଚ୍ଚ 2018 ର ରୁ ବିଏମସି ନବୀକରଣ କରିନାହିଁ । ଅଧିକନ୍ତୁ, ଏମସିସି/ଏମଆରଏଫ ପ୍ରକଳ୍ପ ଏବଂ ଲ୍ୟାଣ୍ଡଫିଲ୍ ପାଇଁ ପରିବେଶ ମଞ୍ଜୁରୀ ନିମନ୍ତେ କୌଣସି

ୟୁଏଲବି ଆବେଦନ କରିନଥିଲେ । ୟୁଏଲବି ମାନଙ୍କ ଦ୍ୱାରା ଏସପିସିବିରୁ ପ୍ରାଧିକରଣ ଏବଂ ନବୀକରଣ ନ ପାଇବାର କାରଣ ଗୁଡିକ ନଥିଭୁକ୍ତ ନଥିଲା ।

ସରକାର କହିଲେ (ମଇ 2022) ଯେ, ଏସପିସିବି ଜାରି କରିଥିବା ନିର୍ଦ୍ଦେଶ ଅନୁଯାୟୀ , ପାଞ୍ଚ ଟିପିଡି ଠାରୁ କମ୍ ବର୍ଜ୍ୟ ପ୍ରକ୍ରିୟାକରଣ ଲାଗି ପରିବେଶ ମଞ୍ଜୁରୀ ର ଆବଶ୍ୟକ ନାହିଁ । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ 67 ଟି ୟୁଏଲବିରେ ନିର୍ମାଣ କରାଯାଇଥିବା ପ୍ରକ୍ରିୟାକରଣ ୟୁନିଟ୍ ପ୍ରତ୍ୟେକ ପାଞ୍ଚ ଟିପିଡି କ୍ଷମତା ବିଶିଷ୍ଟ ଥିଲା ଏବଂ ସରକାର ପାଞ୍ଚ ଟିପିଡି ଠାରୁ କମ୍ ବର୍ଜ୍ୟ ପ୍ରକ୍ରିୟାକରଣ ଲାଗି ପରିବେଶ ମଞ୍ଜୁରୀ ର ଆବଶ୍ୟକତା ନଥିବା ବିଷୟରେ କୌଣସି ଦସ୍ତାବିଜ ସାକ୍ଷ୍ୟ ପ୍ରଦାନ କରିନଥିଲେ । ଅଧିକନ୍ତୁ , ନିଷ୍କାସନ ସୁବିଧା ଲାଗି ପ୍ରାଧିକରଣର ନବିକରଣ ନହେବା ବିଷୟରେ ଉତ୍ତରଟି ନିରବ ଥିଲା ।

## 8.1.3.2 ପ୍ରଦୂଷଣ ସ୍ତରର ତଦାରଖ

ଏସପିସିବି ଦ୍ୱାରା ପ୍ରଦୂଷଣ ସ୍ତରର ତଦାରଖ ରେ ଢିଲାପଣ ଅଡିଟ୍ ନିରୀକ୍ଷଣ କଲା ଯାହା ବିସ୍ତୃତ ଭାବରେ ନିମ୍ନ ସାରଣୀ ରେ ଦର୍ଶାଯାଇଛି।

**ସାରଣୀ- 8.2: ଏସପିସିବି ଦ୍ୱାରା ପ୍ରଦୂଷଣ ସ୍ତରର ତଦାରଖ ରେ ଢିଲାପଣ**

| ପ୍ରଦୂଷଣ ର ପ୍ରକୃତି | ମାନଦଣ୍ଡ | ଅଡିଟ୍ ଅନୁସନ୍ଧାନ |
|---|---|---|
| ପରିବେଶର ବାୟୁ ଗୁଣବତ୍ତା | ଏସଡବ୍ଲୁଏମ୍ ନିୟମ 2000 ର ଅନୁସୂଚୀ III ନିୟମ 29 ଅନୁଯାୟୀ, ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିବେଶ ବାୟୁ ଗୁଣବତ୍ତା ନିରୀକ୍ଷଣ କରାଯିବ, ଯଥା :<br>• ପଚାଶ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରଗୁଡିକ ପାଇଁ ବର୍ଷରେ ଛଅ ଥର<br>• ଦଶରୁ ପଚାଶ ଲକ୍ଷ ମଧ୍ୟରେ ଜନସଂଖ୍ୟା ଥିବା ସହର ଗୁଡିକ ପାଇଁ ବର୍ଷରେ ଚାରିଥର<br>• ଏକରୁ ଦଶଲକ୍ଷ ମଧ୍ୟରେ ଜନସଂଖ୍ୟା ଥିବା ସହରରେ ବର୍ଷକୁ ଦୁଇଥର | ଅଡିଟ୍ ନିରୀକ୍ଷଣ କଲା ଯେ , କରୁଥିବା ୟୁଏଲବି ର ପ୍ରକ୍ରିୟାକରଣ କାରଖାନ / ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକର ସୀମାରେ ପରିବେଶର ବାୟୁ ଗୁଣବତ୍ତା ତଦାରଖ କରବା ପାଇଁ ଏସପିସିବି ନିର୍ଦ୍ଦିଷ୍ଟ ଫ୍ରିକ୍ୱେନ୍ସି ପାଳନ କରୁନାହିଁ ଯାହା ବାୟୁ ପ୍ରଦୂଷଣ ର କାରଣ ହେଉଛି । ଏସପିସିବି(2019-20) ରେ 17 ଟି ୟୁଏଲବି ର 38 ଟି ବିଭିନ୍ନ ସ୍ଥାନରେ ପରିବେଶର ବାୟୁ ଗୁଣବତ୍ତା ତଦାରଖ କରିଥିଲେ । ସମସ୍ତ କ୍ଷେତ୍ରରେ, ଶ୍ୱାସକ୍ରିୟା ନିଲମ୍ବିତ କଣିକା ଦ୍ରବ୍ୟ (ଆରଏସପିଏମ କିମ୍ବା ପିଏମ 10[62]) ର ବାର୍ଷିକ ହାରାହାରି ଏକାଗ୍ରତା 60 ୟୁଜି/ଏମ$^3$ ର ନିର୍ଦ୍ଧାରିତ ସୀମାଠାରୁ ଅଧିକ ରହିଲା । ଯେତେବେଳେ କି ପିଏମ 2.5[63] ର ବାର୍ଷିକ ହାରାହାରି ମୂଲ୍ୟ 14 ଟି ସ୍ଥାନରେ 40ୟୁଜି/ଏମ$^3$ ର ସୀମା ମଧ୍ୟରେ ରହିଲା , ଯାହା ବାସସ୍ଥାନରେ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନାକୁ ସୂଚାଇଥାଏ । ଏହା ବ୍ୟତିତ, ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଦୁର୍ଗନ୍ଧ ଉତ୍ପାଦନ କମ୍ କରିବା, ଗ୍ୟାସର ଅଫ୍ ସାଇଟ୍ ସ୍ଥାନାନ୍ତରଣ କୁ ରୋକିବା ପାଇଁ ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକରେ ଗ୍ୟାସ କଣ୍ଟ୍ରୋଲ୍ ସିଷ୍ଟମ୍ ସ୍ଥାପନ କରିନଥିଲେ । |
| ଜଳର ଗୁଣବତ୍ତା | ଏସଡବ୍ଲୁଏମ ନିୟମ 2016 ରେ ସିଡ୍ୟୁଲ 1 ର ଧାରା ଇ ଅନୁଯାୟୀ, କୌଣସି ଲ୍ୟାଣ୍ଡଫିଲ/ଡମ୍ପିଂ ଅଞ୍ଚଳ ପ୍ରତିଷ୍ଠା କରିବା ପୂର୍ବରୁ, ସେହି ଅଞ୍ଚଳରେ ଜଳ ଗୁଣବତ୍ତାର ମୂଳ | ଅଡିଟ୍ ନିରୀକ୍ଷଣ କଲା ଯେ ୟୁଏଲବି ଗୁଡିକ ଏସଡବ୍ଲୁଏମ ନିୟମର ଉପରୋକ୍ତ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ଲ୍ୟାଣ୍ଡଫିଲ୍ ଅଞ୍ଚଳର |

62 ପିଏମ$^{10}$ ନିଶ୍ୱାସରେ ଯାତାୟାତ କଲା ଭଳି କଣିକା ତତ୍ତ୍ୱ । କଣିକା ତତ୍ତ୍ୱ କାର୍ବନ ମିଶା କଳା ଧୂଳି,ଧୂଆଁ,ଧାତବ,ନାଇଟ୍ରେଟ୍,ସଲଫର,ଧୂଳି ମିଶା ପାଣି ଏବଂ ରବର ଇତ୍ୟାଦିର ଏକ ଜଟିଳ ମିଶ୍ରଣ । ପିଏମ$^{10}$ କଣିକା ଗୁଡିକର ଆକାର ଏତେ ଛୋଟ ଯେ ତଣ୍ଟି ଏବଂ ଫୁସ୍ ଫୁସ୍ ମଧ୍ୟରେ ପ୍ରବେଶ କରିପାରନ୍ତି । ମାତ୍ରାଧିକ ପିଏମ$^{10}$ କାଶ, ଥଣ୍ଡା ଏବଂ ଆଖିରେ ଥକା ପଣ ସୃଷ୍ଟି କରିପାରିବ ।

63 ପିଏମ$^{2.5}$ ହେଉଛି ଏକ ବାୟୁ ପ୍ରଦୂଷଣ କାରକ ଯାହା ମାତ୍ରାଧିକ ହେଲେ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ର କାରଣ ହୁଏ । ପିଏମ$^{2.5}$ ଗୁଡିକ ବାୟୁରେ ଥିବା ଛୋଟ କଣିକା ଯାହା ବଢିଗଲେ ବାୟୁକୁ ଧୂଆଁଳିଆ କରିବା ସହ ଦୃଷ୍ଟିଗୋଚର ହେବା କମିଯାଏ । ସୁକ୍ଷ୍ମ କଣିକା (ପିଏମ$^{2.5}$) ସ୍ୱାସ୍ଥ୍ୟପ୍ରତି ଅଧିକ ବିପଦକାରୀ । ଏହି ସୁକ୍ଷ୍ମ କଣିକା ଫୁସ୍ ଫୁସ୍ ର ବହୁତ ଭିତରକୁ ପ୍ରବେଶ କରେ ଏବଂ କିଛିକିଛି ରକ୍ତନଳୀରେ ମଧ ପ୍ରବେଶ କରିପାରେ । ଏହି କଣିକାର ସଂସ୍ପର୍ଶ ରେ ଆସିଲେ ବ୍ୟକ୍ତିର ହାର୍ଟ ଏବଂ ଫୁସ୍ ଫୁସ୍ ପ୍ରଭାବିତ ହେବାର ସଂଭାବନା ଅଛି ।

| | | |
|---|---|---|
| | ତଥ୍ୟ ସଂଗ୍ରହ କରାଯାଇ ଭବିଷ୍ୟତର ସନ୍ଦର୍ଭ ପାଇଁ ରେକର୍ଡରେ ରଖାଯିବ । ଲ୍ୟାଣ୍ଡଫିଲ୍ ଅଞ୍ଚଳର ପାରିପାର୍ଶ୍ୱର 50 ମିଟର ମଧ୍ୟରେ ଭୂତଳ ଜଳର ଗୁଣବତ୍ତା ସମୟାନୁଯାୟୀ ତଦାରଖ କରିବା କଥା, ଏକ ବର୍ଷରେ ବିଭିନ୍ନ ଋତୁ ଅନୁଯାୟୀ ଯଥା ଗ୍ରୀଷ୍ମ, ମୌସମୀ ଏବଂ ମୌସମୀ ପର ସମୟ ମଧ୍ୟରେ ଭୂତଳ ଜଳ ଦୂଷିତ ହୋଇଛି କି ନାହିଁ ସୁନିଶ୍ଚିତ କରିବା ଦରକାର ।ଲ୍ୟାଣ୍ଡଫିଲ ଅଞ୍ଚଳ ଭିତରେ କିମ୍ବା ଏହାର ଚାରିପାଖରେ ଥିବା ଭୂତଳ ଜଳକୁ ଏହାର ଗୁଣବତ୍ତା ପରୀକ୍ଷା କଲାପରେ ଏହାକୁ ଯେ କୌଣସି ଉଦ୍ଦେଶ୍ୟରେ (ପାନୀୟ ଏବଂ ଜଳସେଚନ ସହିତ) ବ୍ୟବହାର ପାଇଁ ବିଚାର କରାଯିବ । | ପାରିପାର୍ଶ୍ୱିକ ଅଞ୍ଚଳ ଜଳର ଗୁଣବତ୍ତା ଆକଳନ କରିନାହାଁନ୍ତି, ଯାହା ଦ୍ୱାରା ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ଭୂତଳ ଜଳ ଦୂଷିତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ । |

(ଉତ୍ସ; ଅଡ଼ିଟ୍ ଦ୍ୱାରା ସଂକଳିତ)

## 8.1.4 ପରିଚାଳନା ସୂଚନା ପ୍ରଣାଳୀ

ଏସଡବ୍ଲୁଏମ ମାନୁଆଲ୍ 2016 ର ଧାରା 1.3 ଏବଂ 6.1.1 ଅନୁଯାୟୀ, ଏମଏସଡବ୍ଲୁଏମ ରେ ସମସ୍ତ ସୂଚନା କିମ୍ବା ତଥ୍ୟକୁ ରେକର୍ଡ ଏବଂ ତଦାରଖ କରିବା ପାଇଁ ଏକ ପରିଚାଳନା ସୂଚନା ବ୍ୟବସ୍ଥା (ଏମଆଇଏସ) ସ୍ଥାପିତ ହେବା ଉଚିତ ଏବଂ ଏହା ଏକ କମ୍ପ୍ୟୁଟରୀକରଣ ଏମଆଇଏସ ମାଧ୍ୟମରେ ଲକ୍ଷ୍ୟ ହାସଲ କରିବା ପାଇଁ ସର୍ବୋତ୍ତମ ଉପାୟ ଅଟେ ।

ଅଡିଟ୍ ଦେଖିଲା ଯେ ୟୁଏଲବି ଦ୍ୱାରା ଏପରି କୌଣସି ଏମଆଇଏସ ବିକଶିତ ହୋଇନାହିଁ ।ଏମଆଇଏସର ଅନୁପସ୍ଥିତିରେ ୟୁଏଲବି ଦ୍ୱାରା ଏସଡବ୍ଲୁଏମ କାର୍ଯ୍ୟକଳାପର ଅନଲାଇନ୍ ତଦାରଖ ସମ୍ଭବ ନୁହେଁ ।

ସରକାର କହିଲେ (ମଇ 2022) ଯେ, ରାଜ୍ୟ ସ୍ତରରେ ଅନ ଲାଇନ ଡାଟା / ସୂଚନା ପାଇଁ *ଆମ ସହର* ମୋବାଇଲ ଆପ୍ଲିକେସନ ପ୍ରସ୍ତୁତ କରାଯାଇଛି ଯାହା ୟୁଏଲବି ସ୍ତରରେ ବ୍ୟବହାର ହେଉଅଛି । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ *ଆମ ସହର* ମୋବାଇଲ ଆପ୍ଲିକେସନ ଅଗଷ୍ଟ 2020 ରେ ଆରମ୍ଭ ହେଲା ଯାହା ବର୍ଜ୍ୟ ପରିଚାଳନା ର ସମ୍ପୂର୍ଣ୍ଣ ସୂଚନା ଯୋଗାଉନାହିଁ । ଏହା କେବଳ ଏକ ବର୍ଜ୍ୟ ପରିଚାଳନା ସେବା ବିଷୟରେ ଅଭିଯୋଗ କରିବା ଲାଗି ଜନକେନ୍ଦ୍ରିକ ଆପ୍ଲିକେସନ ।

### 8.1.4.1 ଏସଡବ୍ଲୁଏମ ତଦାରଖ ସଫ୍ଟୱେର୍ ଉପରେ ଅପବ୍ୟୟ

ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ(ବିଏମସି) ଫେବୃଆରୀ 2015 ରେ ଇ-ଗଭର୍ନାନ୍ସ ପଦକ୍ଷେପର ଏକ ଅଂଶ ଭାବରେ ଏସଡବ୍ଲୁଏମ ପାଇଁ ୱେବ୍-ଆଧାରିତ ତଦାରଖ ବ୍ୟବସ୍ଥା ପ୍ରସ୍ତାବ ପାଇଁ ଏକ ଅନୁରୋଧ (ଆରଏଫପି) କରିଥିଲେ ଏବଂ ଓଡିଶା କମ୍ପୁଟର ଆପ୍ଲିକେସନ କେନ୍ଦ୍ର (ଓସିଏସି) କୁ ଜିଓଓ ଯାନ୍ତ୍ରିକ ନିର୍ଦ୍ଦେଶାଳୟ ଭାବରେ ନଭେମ୍ବର 2014 ରେ ମତାମତ ଦେବା ପାଇଁ ଅନୁରୋଧ କରିଥିଲେ । ସେହି ଅନୁଯାୟୀ, ଓସିଏସି(ଫେବୃଆରୀ 2015) ରେ ବିକାଶ, କାର୍ଯ୍ୟକାରିତା ଏବଂ ଏସଡବ୍ଲୁଏମ ପାଇଁ ୱେବ୍ ଆଧାରିତ ମନିଟରିଂ ସିଷ୍ଟମର ସମର୍ଥନ ନିମନ୍ତେ ଚାରୋଟି ମଡ୍ୟୁଲ୍[64] ପାଇଁ ପ୍ରସ୍ତାବ କରାଯାଇଥିଲା ।

ଗୋଟିଏ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ (ମାର୍ଚ୍ଚ 2016) ସମାପନ କରିବା ପାଇଁ ମେସର୍ସ ସିଏମଏସ ପ୍ରାଇଭେଟ୍ ଲିମିଟେଡ୍ କୁ ₹56.93 ଲକ୍ଷ ରେ ପ୍ରଦାନ କରାଯାଇଥିଲା । କିନ୍ତୁ ଏହି ସମୟ ମଧ୍ୟରେ (ମାର୍ଚ୍ଚ 2016) ଭୁବନେଶ୍ୱରରେ ସ୍ମାର୍ଟ ସିଟି ପ୍ରୋଗ୍ରାମ୍ ଆରମ୍ଭ ହୋଇଥିଲା ଏବଂ ଏସଡବ୍ଲୁଏମ ସ୍ମାର୍ଟ ସିଟି ପ୍ରୋଗ୍ରାମର ଏକ ଅଂଶ ହେଲା । ଯେହେତୁ ଏହି ପ୍ରକଳ୍ପଟି ସ୍ମାର୍ଟ ସିଟି ପ୍ରୋଗ୍ରାମର ଏସଡବ୍ଲୁଏମ ସିଷ୍ଟମ୍ ସହିତ ସମାନ ନଥିଲା, ଯାହା ଫଳରେ ଏହାକୁ ସ୍ଥଗିତ କରିବାର ଥିଲା । ପ୍ରକାଶ ଥାଉକି କମିଶନର ବିଏମସି (ମାର୍ଚ୍ଚ 2016) ରେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ₹56.93 ଲକ୍ଷ ରେ ମେସର୍ସ/ ସିଏମସି ପ୍ରାଇଭେଟ୍ ଲିମିଟେଡ୍ କୁ ସ୍ୱୀକୃତି ପତ୍ର ପ୍ରଦାନ କରିଥିଲେ ଏବଂ 22 ଜୁନ୍ 2016 ରେ ଏକ ଚୁକ୍ତିନାମା ହୋଇଥିଲା । ସଫ୍ଟୱେର ର ଆଂଶିକ ବିକାଶ ପାଇଁ ଏଜେନ୍ସି କୁ (ଜାନୁଆରୀ 2017) ₹13.89 ଲକ୍ଷ ପ୍ରଦାନ କରାଯାଇଥିଲା । ଶେଷରେ, ବିଏମସି ଉପରୋକ୍ତ ପ୍ରକଳ୍ପ (ଏପ୍ରିଲ 2018) ରଦ୍ଦ କରିବାକୁ

[64] (i)ନିର୍ମାଣ ବର୍ଜ୍ୟ ପରିଚାଳନା(ପଞ୍ଜୀକରଣ, ନିର୍ମାଣ (ବର୍ଜ୍ୟ) ଅନୁମତି, ଫେରାଦ ଏବଂ ଅଭିଯୋଗ ପରିଚାଳନା,ବର୍ଜ୍ୟ ପରିଚାଳନା ସୁବିଧା ଏବଂ ବିଲ୍ କରିବା ଏବଂ ଆଦାୟ (ii)ମେଡିକାଲ-ଜୈବ ବର୍ଜ୍ୟବସ୍ତୁର ପରିଚାଳନା - ପଞ୍ଜୀକରଣ) ହସପିଟାଲ, ମେଡିକାଲ ଅନୁଷ୍ଠାନ, କ୍ଲିନିକ୍ ଏବଂ ନିଦାନ-ପରୀକ୍ଷାଗାର; ମେଡିକାଲ-ଜୈବ (ବର୍ଜ୍ୟ) ଅନୁମତି; ଫେରାଦ ଏବଂ ଅଭିଯୋଗ ପରିଚାଳନା; ଗମନାଗମନ ପରିଚାଳନା;ବିଏମଡବ୍ଲୁ ସୁବିଧା ଏବଂ ବିଲ୍ କରିବା ଓ ଆଦାୟ (iii)ପଶୁ ବର୍ଜ୍ୟ ପରିଚାଳନା(ସେବା ପାଇଁ ଅନୁରୋଧ,ଦାବି ହୋଇନଥିବା ରିପୋର୍ଟ, ଦାହସ୍ଥଳ ପରିଚାଳନା) ଏବଂ (iv) ପରିଚାଳନା ଯନ୍ତ୍ରପାତି(ସ୍ୱଚ୍ଛତା ପୋର୍ଟାଲ,ୱେବ୍ ଜିଆଇଏସ,ଜିପିଏସ ଟ୍ରାକିଂ ଏବଂ ମୋବାଇଲ ଆପ୍ଲିକେସନ)

ନିଷ୍ପତ୍ତି ନେଲେ । ଏହାଦ୍ୱାରା ଏସଡବ୍ଲୁଏମ ମନିଟରିଂ ସଫ୍ଟୱେର ନିମନ୍ତେ ₹13.89 ଲକ୍ଷ ର ବ୍ୟୟବହୁଳ ଖର୍ଚ୍ଚ ହୋଇଥିଲା ।

ସରକାର କହିଲେ (ମଇ 2022) ଯେ, ଭୁବନେଶ୍ୱର ସ୍ମାର୍ଟ ସିଟି ଗଠିତ ହେଲା ପରେ , ବହୁତ ପ୍ରଜୁକ୍ତିବିଦ୍ୟା ଭିତ୍ତିକ ହସ୍ତକ୍ଷେପ  ସ୍ମାର୍ଟ ସିଟୀ ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର ର ପରିସର ମଧ୍ୟରେ ଆସୁଥିଲେ  । ଯେହେତୁ ଚୟନ ହୋଇଥିବା ସଂସ୍ଥା ଗୁଡିକ ଚୁକ୍ତିରେ ଦର୍ଶାଯାଇଥିବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିଥିଲେ, ବିଏମସି ପ୍ରାପ୍ୟ ଦେବାଲାଗି ଦାୟୀ । ତଥ୍ୟ ଏହା ଯେ, ନଭେମ୍ବର 2015 ରେ ବିଏମସି ସାନିଟେସନର ଡେପୁଟୀ କମିଶନର ଏହି ପ୍ରକଳ୍ପର ଆରପିଏଫ୍ ର ବାତିଲ ପାଇଁ ପ୍ରସ୍ତାବ ଦେଇଥିଲେ ଯେହେତୁ ଏହା ସ୍ମାର୍ଟ ସିଟି କାର୍ଯ୍ୟକ୍ରମର ଏସଡବ୍ଲୁଏମ ସହିତ ଐକ୍ୟ ନଥିଲା ।  ପରନ୍ତୁ, ଡେପୁଟୀ କମିଶନରଙ୍କ ପ୍ରସ୍ତାବ ସତ୍ତ୍ୱେ, ବିଏମସି କମିଶନର ଏକ ଚୁକ୍ତିନାମା କରିଥିଲା ଯାହା ଫଳରେ ଅପଚୟ ଖର୍ଚ୍ଚ ହେଲା ।

### 8.1.5 ବର୍ଜ୍ୟବସ୍ତୁ ପରିଚାଳନା ରିପୋର୍ଟର ତଦାରଖ

ନିମ୍ନ ସାରଣୀ ରେ ଅଡିଟ୍ ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା ଅଧିନରେ ରିପୋର୍ଟ କରିବା ଉପରେ ଯନ୍ତ୍ରର ନୀରିକ୍ଷଣ ନିୟନ୍ତ୍ରଣ ରେ ବିଫଳତାକୁ ବିସ୍ତୃତ ଭାବରେ ଦର୍ଶାଯାଇଛି ।

**ସାରଣୀ- 8.3: ବର୍ଜ୍ୟ ପରିଚାଳନାର ବାର୍ଷିକ ରିପୋର୍ଟ ଦାଖଲ ନ କରିବା**

| ମାନଦଣ୍ଡ | ଅଡିଟ୍ ପର୍ଯ୍ୟବେକ୍ଷଣ | ପ୍ରତିକ୍ରିୟା |
|---|---|---|
| ଏସଡବ୍ଲୁଏମ ନିୟମ 2016 ର ଧାରା 24(2) ରେ ଦର୍ଶାଯାଇଛି ଯେ ୟୁଏଲବି ଗୁଡିକ ଫର୍ମ-IV ରେ ବାର୍ଷିକ ରିପୋର୍ଟ (ଏଆର) କୁ ଏସପିସିବି କିମ୍ବା ପ୍ରଦୂଷଣ କମିଟି ଏବଂ ବିଭାଗର ସଚିବଙ୍କୁ ପ୍ରତିବର୍ଷ 30 ଜୁନ୍ ମଧ୍ୟରେ ଦାଖଲ କରିବେ ।<br>ପ୍ରତିବଦଳରେ, ଏସପିସିବି ପ୍ରତିବର୍ଷ 31 ଜୁଲାଇ ସୁଦ୍ଧା ଏସଡବ୍ଲୁଏମ୍ ନିୟମର କାର୍ଯ୍ୟକାରୀତା ସମ୍ବନ୍ଧରେ ଏହାର ବାର୍ଷିକ ରିପୋର୍ଟ କୁ ପ୍ରଦତ୍ତ କରି ସିପିସିବି ରେ ଦାଖଲ କରିବ । | ଅଡିଟ୍ ନିରୀକ୍ଷଣ କଲା ଯେ 111 ୟୁଏଲବି ମଧ୍ୟରୁ କେବଳ ତିନୋଟି ୟୁଏଲବି 2016-17 ମଧ୍ୟରେ ବାର୍ଷିକ ରିପୋର୍ଟ ଦାଖଲ କରିଛି ଏବଂ 19 ଟି ୟୁଏଲବି (114 ମଧ୍ୟରୁ ) 2017-18 ମଧ୍ୟରେ ଏସପିସିବି କୁ ବାର୍ଷିକ ରିପୋର୍ଟ ଦାଖଲ କରିଛନ୍ତି । ଏହା ସୂଚିତ କରେ ଯେ ଏସପିସିବି ୟୁଏଲବି ଦ୍ୱାରା କରାଯାଇଥିବା ଏସଡବ୍ଲୁଏମ କର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିନାହିଁ । | କାର୍ଯ୍ୟନିର୍ବାହୀ ଅଧିକାରୀ ଜୟପୁର ୟୁଏଲବି ରେ କହିଛନ୍ତି (ମାର୍ଚ୍ଚ 2021) ଯେ କର୍ମଚାରୀଙ୍କ ଅଭାବ ହେତୁ ସମସ୍ତ ରେକର୍ଡ ରକ୍ଷଣାବେକ୍ଷଣ ହୋଇପାରିଲା ନାହିଁ ଏବଂ ବାର୍ଷିକ ରିପୋର୍ଟ ଦାଖଲ ହୋଇପାରିଲା ନାହିଁ । ରାୟଗଡା,ଭଦ୍ରକ, ସମ୍ବଲପୁର, ପୁରୀ ଏବଂ କଟକ ୟୁଏଲବି ର କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଅଡିଟ୍ ମନ୍ତବ୍ୟକୁ ଗ୍ରହଣ କରିଛନ୍ତି । |
| ବିଏମଡବ୍ଲୁ ନିୟମ 2016 ର ଧାରା 13(1) ଏବଂ (4) ଅନୁଯାୟୀ, ପ୍ରତ୍ୟେକ ଏଚସିଇ କିମ୍ବା ସିବିଏମଡବ୍ଲୁଟିଏଫ୍ ର ଅପରେଟର ପ୍ରତ୍ୟେକ ବର୍ଷର 30 ଜୁନ୍ କିମ୍ବା ପୂର୍ବରୁ ଫର୍ମ IV ରେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କୁ ବାର୍ଷିକ ରିପୋର୍ଟ ଦାଖଲ କରିବା ଉଚିତ୍ । ବାର୍ଷିକ ରିପୋର୍ଟ ଗୁଡିକ ମଧ୍ୟ ଅନଲାଇନ୍ ରେ ଏଚସିଇ, ଏସପିସିବି ଏବଂ ସିପିସିବି ୱେବସାଇଟ୍ ରେ ଉପଲବ୍ଧ ହେବ । | ବିଏମଡ୍ବ୍ଲୁ ର ବାର୍ଷିକ ବିବରଣୀ ବର୍ଷ 2015-20 ର ସମୀକ୍ଷା ସମୟରେ, ଦେଖାଗଲା ଯେ ଏଚସିଇ ମାନେ କିମ୍ବା ସିବିଏମଡବ୍ଲୁଟିଏଫ୍ ର ପରିଚାଳକ ଦ୍ୱାରା ବାର୍ଷିକ ବିବରଣୀ ର ଦାଖଲ ନହେବା 0.61 ରୁ 3.27 ପ୍ରତିଶତ ମଧ୍ୟରେ ଥିଲା । ଏସପିସିବି, ତଥାପି, ବାର୍ଷିକ ବିବରଣୀ ଦାଖଲ ନକରିବା ଏବଂ 2020-21 ମଧ୍ୟରେ ବିଏମଡ୍ବ୍ଲୁ ନିୟମକୁ ପାଳନ ନକରିବା ପାଇଁ 125 (3,509 ମଧ୍ୟରୁ) ଏଚସିଇ ଗୁଡିକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି । | |
| ଇଡବ୍ଲୁଏମ ନିୟମ, 2016 ର ଧାରା 9(4) ଅନୁଯାୟୀ, ବୈଦ୍ୟୁତିକ ଏବଂ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିବା ଗ୍ରାହକ ସଂପୃକ୍ତ ଏସପିସିବି କୁ ଫର୍ମ-3 ରେ ବାର୍ଷିକ ରିଟର୍ଣ୍ଣ ଯେଉଁ ଆର୍ଥିକ ବର୍ଷକୁ ସମ୍ବନ୍ଧିତ ଥିବ ତାର ପରବର୍ତ୍ତୀ ଆର୍ଥିକ ବର୍ଷ ର ଜୁନ୍ 30 ତାରିଖ ପୂର୍ବରୁ ଦାଖଲ କରିବେ । | ଅଡିଟ୍ ନିରୀକ୍ଷଣ କଲା ଯେ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମଧ୍ୟରୁ କୌଣସି  ୟୁଏଲବି 2016-17 ରୁ 2019-20 ପର୍ଯ୍ୟନ୍ତ ଏସପିସିବି କୁ ବାର୍ଷିକ ରିଟର୍ଣ୍ଣ ଦାଖଲ କରିନାହାନ୍ତି । ଏହିପରି, ୟୁଏଲବି ଗୁଡିକ ଆବଶ୍ୟକୀୟ ଯାନ୍ତ୍ରିକ ପ୍ରଣାଳୀ ରଖିବା ପାଇଁ ପଦକ୍ଷେପ ଗ୍ରହଣ କଲେ ନାହିଁ ଯାହା ଦ୍ୱାରା ଇ ବର୍ଜ୍ୟବସ୍ତୁର ଅଭାବ/ଅନୁପଯୁକ୍ତ ପରିଚାଳନା ହେଲା । | ରାୟଗଡା.ଜୟପୁର,କଟକ,ଭଦ୍ରକ,ସମ୍ବଲପୁର,ଛତ୍ରପୁର ୟୁଏଲବି ଗୁଡିକର କାର୍ଯ୍ୟନିର୍ବାହୀ ଅଧିକାରୀମାନେ କହିଛନ୍ତି (ମାର୍ଚ୍ଚ 2021)ଯେ, ବର୍ତ୍ତମାନଠାରୁ ଇଡବ୍ଲୁଏମ ନିୟମ, 2016 ର ମନିଟରିଂ ଲାଗୁ ହେବ । |

*(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)*

## 8.1.6 ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରଭାବ ନିର୍ଦ୍ଧାରଣ

ଏସଡବ୍ଲୁଏମ ମାନୁଆଲ୍ 2000 ର ଧାରା 22 ଧାର୍ଯ୍ୟ କରେ ଯେ କଠିନ ବର୍ଜ୍ୟବସ୍ତୁକୁ ଭୁଲ୍ ପରିଚାଳନା କରିବା ପରିବେଶ ଏବଂ ସ୍ୱାସ୍ଥ୍ୟ ପାଇଁ ସମ୍ଭାବ୍ୟ ବିପଦ ସୃଷ୍ଟି କାରକ । ଏହାର ଅଧିକ ଗମ୍ଭୀର ପ୍ରଭାବ ହେଉଛି ପ୍ରଦୂଷଣ ଜଳ,ଭୂତଳ ଜଳ ଏବଂ ବାୟୁକୁ ସ୍ଥାନାନ୍ତର । ବାୟୁ ପ୍ରଦୂଷଣ ବର୍ଜ୍ୟବସ୍ତୁ ଖୋଲା ଆକାଶରେ, କିମ୍ବା ପ୍ଲାଣ୍ଟ ଯେଉଁଠି ଗ୍ୟାସ୍ ପ୍ରବାହରୁ ପ୍ରଭାବଶାଳୀ ଉପଚାର ସୁବିଧା ଅଭାବ ଥାଏ ସେଗୁଡିକରେ ଜଳିବା ଦ୍ୱାରା ହୋଇଥାଏ ।

ଅଡିଟରୁ ଜଣାପଡିଲା ଯେ ମାର୍ଚ୍ଚ 2021 ସୁଦ୍ଧା ୟୁଏଲବି ଦ୍ୱାରା କୋଣସି ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରଭାବ ଆକଳନ କରାଯାଇ ନାହିଁ କାରଣ ସମସ୍ତ ୟୁଏଲବି ଗୁଡିକ ଲ୍ୟାଣ୍ଡଫିଲ୍ ସ୍ଥାନରେ ବର୍ଜ୍ୟବସ୍ତୁ ପୋଡୁଥିଲେ ଏବଂ ଲ୍ୟାଣ୍ଡଫିଲ୍ ଅଞ୍ଚଳ ନିକଟରେ ରହୁଥିବା ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହୋଇଥିଲା । ଯାହା ପୂର୍ବ ପାରାଗ୍ରାଫ୍ ରେ ଆଲୋଚନା କରାଯାଇଛି ।

ସରକାର କହିଲେ (ମଇ 2022) ଯେ, ଉପଲବ୍ଧ ଥିବା ଡମ୍ପିଂୟାର୍ଡ ଗୁଡିକର ଜୈବ-ଉପଚାର ଲାଗି ପଦକ୍ଷେପ ନିଆଯାଇଅଛି । ତଥ୍ୟ ଏହା ଯେ, ୟୁଏଲବି ଗୁଡିକ କଠିନ ବର୍ଜ୍ୟର ସୁଚାରୁ ପରିଚାଳନା କରିବାରେ ବିଫଳ ହୋଇଥିଲେ ଏବଂ ପରିବେଶ ଏବଂ ସ୍ୱାସ୍ଥ୍ୟ ର ପ୍ରଭାବ ବିଷୟରେ ନିର୍ଦ୍ଧାରଣ କରିନଥିଲେ ।

## 8.1.7 ଏସଡବ୍ଲୁଏମ୍ ପାଇଁ ମାନବ ସମ୍ବଳ/ କର୍ମଚାରୀ ପ୍ରତିବନ୍ଧକ

ଏସଡବ୍ଲୁଏମ ମାନୁଆଲ୍ 2016 ର ବିଭାଗ 1.4.5.4 ରେ ଉଲ୍ଲେଖ କରାଯାଇଛି ଯେ ୟୁଏଲବି ର ଏକ ଏସଡବ୍ଲୁଏମ ସେଲ୍ କିମ୍ବା ଏସଡବ୍ଲୁଏମ ପାଇଁ ଏସଡବ୍ଲୁଏମ ବିଭାଗର ବୈଷୟିକ ଏବଂ ପରିଚାଳନାଗତ ଦକ୍ଷତା ସହିତ ସାଧାରଣ ସ୍ୱାସ୍ଥ୍ୟ ଅଧିକାରୀ,ସାନିଟାରୀ ଅଫିସର ,ଜୁନିଅର ଇଂଜିନିୟର, ସାନିଟାରୀ ସବ୍ ଇନ୍ସପେକ୍ଟର, ଏସଡବ୍ଲୁଏମ ଏବଂ ପରିମଳ କାର୍ଯ୍ୟକଳାପ ପାଇଁ ପରିବେଶ ଇଂଜିନିୟର ରହିବା ଆବଶ୍ୟକ ।

ଅଡିଟ୍ ଦେଖିଲା ଯେ ଏସଡବ୍ଲୁଏମ ନିୟମ 2016 ର ବିଜ୍ଞପ୍ତି ପ୍ରକାଶ ପାଇବାର ଚାରି ବର୍ଷରୁ ଅଧିକ ସମୟ ଅତିକ୍ରମ ପରେ ଏକ ଏସଡବ୍ଲୁଏମ ସେଲ(ଅକ୍ଟୋବର 2020) ସୃଷ୍ଟି ହୋଇଥିଲା । ତଥାପି, ସମସ୍ତ କ୍ୟାଡରମାନଙ୍କରେ ମାନବସମ୍ବଳର ଅଭାବ ଦେଖାଦେଇଥିଲା ଯଥା, ପରିବେଶ ଇଂଜିନିୟର (25 ପ୍ରତିଶତ ) , ସ୍ୱାସ୍ଥ୍ୟ ନିରୀକ୍ଷକ (20 ପ୍ରତିଶତ) ଏବଂ ଝାଡୁଦାର (ଆଠଟି ୟୁଏଲବି ରେ 29.52 ପ୍ରତିଶତ) ।

ରାୟଗଡା,ସମ୍ବଲପୁର,ଛତ୍ରପୁର,ଭଦ୍ରକ ୟୁଏଲବି ର କାର୍ଯ୍ୟକାରୀ ଅଧିକାରୀ କହିଲେ (ମାର୍ଚ୍ଚ 2021) ଯେ ପରିମଳ ସେଲରେ ଆବଶ୍ୟକୀୟ କର୍ମଚାରୀ ପାଇବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ । କାର୍ଯ୍ୟନିର୍ବାହୀ ଅଧିକାରୀ ଜୟପୁର କହିଲେ(ମାର୍ଚ୍ଚ 2021) ଯେ, ପଦବୀ ପୂରଣ ପାଇଁ କର୍ମଚାରୀଙ୍କ ଅଭାବ ସରକାରଙ୍କୁ ଅବଗତ କରାହେବ । ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏସଡବ୍ଲୁଏମ ଏବଂ ପରିମଳ କାର୍ଯ୍ୟକଳାପ ପାଇଁ କର୍ମଚାରୀଙ୍କ ସ୍ଥିତି ***(ପରିଶିଷ୍ଟ XII)*** ରେ ଦିଆଯାଇଛି ।